- କ୍ଷତିପୂରଣର ହିସାବ କରିବା ସମୟରେ ସମସ୍ତ ଜମି ଓ ଅସ୍ଥାବର ସମ୍ପତ୍ତିର ଉଚିତ୍ ମୂଲ୍ୟାୟନ ।
- ଏକ ପର୍ଯ୍ୟାପ୍ତ ସ୍ୱଚ୍ଛ ବିସ୍ଥାପନ ଓ ଥଇଥାନ ନୀତି ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା ।



- ବିସ୍ଥାପିତ ପରିବାରମାନଙ୍କୁ ଆବଶ୍ୟକୀୟ ସୁବିଧା ସହ ଭିନ୍ନ ସ୍ଥାନରେ ଥଇଥାନ ।
- ଜନସମସ୍ୟାକୁ ସମ୍ବୋଧନ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳରେ ଏକ ବିଶେଷ କାର୍ଯ୍ୟାଳୟ ସ୍ଥାପନ ।

## ଆମେ ବିଶ୍ୱାସ ରଖୁ

### ସମାଜର କଲ୍ୟାଣରେ

ସମାଜର ଦୀର୍ଘସ୍ଥାୟୀ ବିକାଶରେ ପୋସ୍କୋ-ଇଣ୍ଡିଆ ଦୃଢ଼ ବିଶ୍ୱାସ କରେ, ଯେଉଁଥିପାଇଁ ଏହାର ମୂଳ କମ୍ପାନୀ ପୋସ୍କୋ ବିଗତ ୩୮ ବର୍ଷ ଧରି ଜନସମୁଦାୟର ବିକାଶରେ ଭାଗୀଦାର ହେବା ସହ ନିଜର ପ୍ରଗତି କରିଆସିଛି ।



କମ୍ପାନୀର ଲାଭାଂଶ ସମାଜର ବିକାଶ କ୍ଷେତ୍ରରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ ଭିତ୍ତିଭୂମିର ଉନ୍ନତି କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହାକୁ ଓଡ଼ିଶାରେ ଦୋହରାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।

ପୋସ୍କୋ-ଇଣ୍ଡିଆ :

- ଏକ ବ୍ୟାପକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନେବାକୁ ଯୋଜନା କରୁଛି ।
- ସ୍ଥାନୀୟ ଲୋକମାନଙ୍କର ସମସ୍ୟା ପ୍ରତି ଧ୍ୟାନ ଦେବା ସହ ସେଗୁଡ଼ିକର ସମାଧାନ ନିମନ୍ତେ ପ୍ରୟାସ କରିବ ।

- ବିନା ମୂଲ୍ୟରେ ଜଗତସିଂହପୁର ବାସିନ୍ଦାମାନଙ୍କ ପାଇଁ ଗ୍ରହଣ ଖଣ୍ଡିଆ ଓ ତାକୁ କଣା ଅସ୍ତ୍ରୋପଚାରର ସୁବିଧା ଯୋଗାଇ ଦିଆଯାଉଛି ।
- ଏଥିସହ ମେଧାବୃତ୍ତି ମାଧ୍ୟମରେ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭର ସୁଯୋଗ ପ୍ରଦାନ କରୁଛି ।



## ଆମେ ନିରନ୍ତର ପ୍ରୟାସ କରିବୁ

### ସ୍ଥାନୀୟ ଅଞ୍ଚଳରେ ବିଶ୍ୱମାନର ଭିତ୍ତିଭୂମି ବିକାଶ ନିମନ୍ତେ

ପୋସ୍କୋ-ଇଣ୍ଡିଆର ପ୍ରସ୍ତାବିତ ବୃହତ ଇସ୍ପାତ ପ୍ରକଳ୍ପ ଅଞ୍ଚଳରେ ଭିତ୍ତିଭୂମି ଯଥା ସଡ଼କ, ରେଳପଥ ଓ ପାନୀୟ ଜଳଯୋଗାଣ ଇତ୍ୟାଦି ସ୍ଥାନୀୟ ବାସିନ୍ଦାମାନଙ୍କ ଜୀବନଧାରଣ ମାନରେ ଦ୍ରୁତ ଉନ୍ନତି ଆଣିବ ।



ଆପଣଙ୍କ ବିକାଶ ଓ ପ୍ରଗତି ପାଇଁ ଆମ ପ୍ରତିଶ୍ରୁତିର ଏହା ଏକ ପ୍ରାରମ୍ଭ ମାତ୍ର .... ଆସନ୍ତୁ ଆମେ ହାତ ମିଳାଇବା ଏବଂ ଏକ ଉନ୍ନତ ଭବିଷ୍ୟତ ଦିଗରେ ଆଗେଇଯିବା ।


**ପୋସ୍କୋ-ଇଣ୍ଡିଆ**

୭ମ ତଳ, ପରତୁନ ଟାୱାରସ୍, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର - ୭୫୧ ୦୨୩, ଓଡ଼ିଶା, ଭାରତ,
ଫୋନ୍ - ୯୧-୬୭୪-୨୩୦୩୬୯୦/୯୧






# ଆପଣଙ୍କ ଉନ୍ନତି ଓ ପ୍ରଗତି ପୋସ୍କୋ-ଇଣ୍ଡିଆର ପ୍ରତିଶ୍ରୁତି



ପୋସ୍କୋ-ଇଣ୍ଡିଆ

ପୋସ୍କୋ ବିଭିନ୍ନ ଦେଶରେ ନିଜର ପ୍ରକଳ୍ପ ସ୍ଥାପନ କରି ବିଶ୍ୱର ୪ର୍ଥ ବୃହତ୍ତମ ଇସ୍ପାତ ଉତ୍ପାଦନକାରୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଦକ୍ଷିଣ କୋରିଆର ଦ୍ରୁତ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ପୋସ୍କୋର ଅବଦାନ ଅତୁଳନୀୟ । ଆଜିର ଉନ୍ନତ କୋରିଆକୁ ଗଢ଼ି ତୋଳିଥିବା ପୋସ୍କୋ ଦୀର୍ଘ ୩୮ ବର୍ଷ ପୂର୍ବେ ଖାଲି ପଡ଼ିଥିବା ଜମି ଓ ମତ୍ସ୍ୟଜୀବୀ ଗ୍ରାମଗୁଡ଼ିକରେ ସ୍ଥାନୀୟ ଲୋକଙ୍କ ସହଯୋଗକୁ ନେଇ ଆରମ୍ଭ ହୋଇଥିଲା । ଏହି ସଫଳତାକୁ ଦୋହରାଇବା ନିମନ୍ତେ ପୋସ୍କୋ ଓଡ଼ିଶାବାସୀଙ୍କ ସହିତ ହାତ ମିଳାଇଛି ।

ବିସ୍ତୃତ ଅନୁଧ୍ୟାନ ପରେ ଆମେ ଓଡ଼ିଶା ବିଶେଷ କରି ଜଗତସିଂହପୁରରେ ବିକାଶର ସମ୍ଭାବନା ଦେଖିବାକୁ ପାଉଛୁ । ଏହି ଅଞ୍ଚଳର ବିକାଶର ଧାରା ସହ ତାଳ ଦେଇ ଯେଉଁ ନୂତନ ପୀଢ଼ି ବଢ଼ିଉଠିବ ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଆମେ ଆଶା କରୁଛୁ । ଆମେ ଓଡ଼ିଶାର ସମୃଦ୍ଧ ଓ ଭିନ୍ନ ଭିନ୍ନ ସଂସ୍କୃତି ସହ ସାମିଲ ହେବାରେ ଗର୍ବିତ ।

ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ପୋସ୍କୋ ଏକ ଇସ୍ପାତ ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଅଛି । ଏଠାରୁ ଉତ୍ପାଦିତ ହେବାକୁ ଥିବା ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ଦ୍ୱାରା ଅଗଣିତ ଭୂତଳ ଶସ୍ୟାଗାର, ଇସ୍ପାତ ଛାତ ଓ ହଜାର ହଜାର କିଲୋମିଟର ବ୍ୟାପି ପାଇପଲାଇନ୍ ନିର୍ମାଣ କରାଯାଇପାରେ । ଆମେ ଏକ ବିଶ୍ୱମାନର ଇସ୍ପାତ କମ୍ପାନୀ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହାକି ରାଜ୍ୟର ଗଚ୍ଛିତ ଖଣିଜ ସମ୍ପଦକୁ ପର୍ଯ୍ୟାପ୍ତ ମୂଲ୍ୟଯୁକ୍ତ କରିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ବିଶ୍ୱ ଇସ୍ପାତ ଶିଳ୍ପର ଶୀର୍ଷ ସ୍ଥାନକୁ ନେଇଯିବ ।



## ଆମେ ଆନ୍ତରିକ ପ୍ରୟାସ କରୁଛୁ

### ନିଯୁକ୍ତି ସୁଯୋଗର ସମ୍ପ୍ରସାରଣ ପାଇଁ



ପୋସ୍କୋ-ଇଣ୍ଡିଆ ଏହି ପ୍ରକଳ୍ପ ମାଧ୍ୟମରେ ହଜାର ହଜାର କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ପୋସ୍କୋ ପ୍ରକଳ୍ପ ଯୋଗୁଁ ଗଢ଼ିଉଠିବାକୁ ଯାଉଥିବା ସହାୟକ ଶିଳ୍ପମାନଙ୍କ ଦ୍ୱାରା ଆହୁରି ଅଧିକ କର୍ମ ନିଯୁକ୍ତିର ମଧ୍ୟ ସୁଯୋଗ ସୃଷ୍ଟି ହୋଇପାରିବ । ପୋସ୍କୋ-ଇଣ୍ଡିଆ ଏକ ପ୍ରକୃତ ଭାରତୀୟ କମ୍ପାନୀ ହେବ କାରଣ ଏଥିରେ ନିଯୁକ୍ତ ହେବାକୁ ଥିବା ୯୭% କର୍ମଚାରି ଭାରତୀୟମାନେ ହେବେ ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେବେ ଓଡ଼ିଶା ଓ ଜଗତସିଂହପୁର ବାସିନ୍ଦା ।

ପୋସ୍କୋ-ଇଣ୍ଡିଆ ବିଶ୍ୱାସ ରଖେ :

- ବିସ୍ଥାପିତ/ପ୍ରଭାବିତ ପରିବାରର ସଦସ୍ୟମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ।
- ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ସମୟରେ ୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ୧୨ ନିୟୁତ ଟନ୍ ବିଶିଷ୍ଟ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପରିସମାପ୍ତି ସୁଦ୍ଧା ୪୮,୦୦୦ ପ୍ରତ୍ୟକ୍ଷ/ପରୋକ୍ଷ ନିଯୁକ୍ତି ସୃଷ୍ଟି ।





- ପ୍ରକଳ୍ପ ନିର୍ମାଣ ପର୍ଯ୍ୟାୟ ଗୁଡ଼ିକରେ ୪,୦୦,୦୦୦ ଶ୍ରମ ବର୍ଷର ସୁଯୋଗ ସୃଷ୍ଟି । ପ୍ଲାଣ୍ଟ ନିର୍ମାଣ ପରିସମାପ୍ତି ପୂର୍ବରୁ ମଧ୍ୟ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଯଥା ଜମି ପ୍ରସ୍ତୁତି, ସଡ଼କ ନିର୍ମାଣ, ଜଳ ଯୋଗାଣ ବ୍ୟବସ୍ଥା ଓ ଶିଳ୍ପାଞ୍ଚଳ ନିର୍ମାଣ ମାଧ୍ୟମରେ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଯାହାଦ୍ୱାରା ସ୍ଥାନୀୟ ଲୋକମାନେ ଉପକୃତ ହେବେ ।
- ଅଧିକରୁ ଅଧିକ ଲୋକଙ୍କ ପାଇଁ ଚାକିରୀ ଉଦ୍ଦେଶ୍ୟରେ ପ୍ରଶିକ୍ଷଣ ବ୍ୟବସ୍ଥା, ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ତଥା ଆତ୍ମନିଯୁକ୍ତି ସୁଯୋଗର ସମ୍ପ୍ରସାରଣ ।

## ଆମେ କାର୍ଯ୍ୟରତ

### ବିସ୍ଥାପିତ/ପ୍ରଭାବିତ ପରିବାରଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ



ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ପୋସ୍କୋ-ଇଣ୍ଡିଆ ଲୋକମାନଙ୍କ ଜୀବନଧାରଣ ମାନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ । ଏକ ସାମାଜିକ ଦାୟିତ୍ୱ ସମ୍ପନ୍ନ କମ୍ପାନୀଭାବେ ପୋସ୍କୋ-ଇଣ୍ଡିଆ ଓଡ଼ିଶା ସରକାରଙ୍କ ପୁନର୍ବାସ ଏବଂ ପୁନଃ ଥଇଥାନ ନୀତିକୁ ଦାୟିତ୍ୱପୂର୍ଣ୍ଣଭାବେ ପାଳନ କରିବ । ସମାଜର ଅସହାୟ ଶ୍ରେଣୀର ସ୍ୱାର୍ଥକୁ ଉପଯୁକ୍ତ ଧ୍ୟାନଦେବା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ।

ପୋସ୍କୋ-ଇଣ୍ଡିଆ ବିଶ୍ୱାସ ରଖେ :

- ବିସ୍ଥାପନ ସଂଖ୍ୟା କମ୍ କରିବାରେ ସମସ୍ତ ପ୍ରକାର ପ୍ରଚେଷ୍ଟା ।

ଆସନ୍ତୁ , ହାତରେ ହାତ ମିଳାଇ କାମ କରିବା ।
ଆପଣଙ୍କର ବିକାଶ ସହ ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବା ।

